**ମୋବାଇଲ ଚୋରି ଅଭିଯୋଗ**

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ଥାନା ହୁଲୁରିସିଂହାର ଦେବାଶିଷ ମିଶ୍ରଙ୍କ ଘରୁ ମଙ୍ଗଳବାର ମୋବାଇଲ ଚୋରି ହୋଇଛି। ଏ ନେଇ ଦେବାଶିଷ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୯୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ଉନ୍ନତୀକରଣ କାର୍ଯ୍ୟ ପାଇଁ ଭୂମି ପୂଜନ

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ପଞ୍ଚାୟତ ଖଣ୍ଡହତାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉନ୍ନତୀକରଣ କରାଯିବ। ଏଥିପାଇଁ ୨କୋଟି ୩୮ଲକ୍ଷ ଟଙ୍କା ବ୍ୟୟ କରାଯିବାର ଯୋଜନା ରହିଛି। ଏହି ଅର୍ଥରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ସହ ଆଦର୍ଶ ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତୀକରଣ କରାଯିବ। ଏଥିପାଇଁ ମଙ୍ଗଳବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଭୂମି ପୂଜା କରିଥିଲେ। ଛାତ୍ରୀ ନିବାସ ହେବା ଫଳରେ ଛାତ୍ରୀମାନେ ବିଶେଷ ଭାବେ ଉପକୃତ ହେବେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ଜିଲା ପରିଷଦ ସଦସ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଅନୁଗୋଳ ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବିଜ୍ଞାନୀ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ଦୀପକ କୁମାର ପ୍ରଧାନ, ପୂର୍ତ୍ତ ବିଭାଗ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ପାଇପ୍ ଚୋରି ଅଭିଯୋଗ

ଅନୁଗୋଳ ଅଫିସ, ୧୪।୯- ତାଳଚେର ଥାନା ନୂଆ ବସ୍‌ଷ୍ଟାଣ୍ଡ ପଛପାର୍ଶ୍ୱରୁ ପାଇପ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ତାଳଚେର ଥାନାରେ ସୁରକ୍ଷାକର୍ମୀ ଉତ୍ତମ ନାୟକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୭୪/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗରେ ଉଲ୍ଲେଖ କରାଯାଇଛି, ବସଷ୍ଟାଣ୍ଡ ପଛପାର୍ଶ୍ୱରେ ସେଣ୍ଟେରିଂ କାର୍ଯ୍ୟ ପାଇଁ ସରଞ୍ଜାମ ରଖାଯାଇଛି। କେତେଜଣ ଦୁର୍ବୃତ୍ତ ସେଠାରୁ ଲୁହା ପାଇପ୍ ଚୋରି କରିନେଇ ନିକଟରେ ଥିବା ଏକ କବାଡିଆ ଦୋକାନରେ ବିକ୍ରି କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।

### ଘର ସମ୍ମୁଖରୁ ବାଇକ୍ ଚୋରି

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ବ୍ଲକ ବନ୍ତଳା ଥାନା ମରଣ୍ଡା ଗ୍ରାମର ବିଦେଶୀ ଦେହୁରୀ(୨୫)ଙ୍କ ମୋଟରସାଇକେଲ ଚୋରି ହୋଇଯାଇଛି। ଏ ନେଇ ସେ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୭୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଦେଶୀ ତାଙ୍କ ବାଇକ୍ (ନଂ. ଓଡି୧୯ପି-୦୩୦୪)କୁ ରାତିରେ ଘର ସମ୍ମୁଖରେ ରଖିଥିଲେ। ହେଲେ ସକାଳୁ ଗାଡି ଖୋଜାଖୋଜି କରି ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ମାଡ଼ମାରି ଲୁଟିନେଲେ ଟଙ୍କା

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ଜିଲା କୋଲିୟାରୀ ଥାନା ସାଉଥ୍ ବଲଣ୍ଡାସ୍ଥିତ ପୁରୁଣା ହିଙ୍ଗୁଳା କଲୋନୀ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ମାଡ଼ ମାରି ଲୁଟ୍ କରିଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ପ୍ରକାଶ ଖୁଣ୍ଟିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୬୧/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି। ପ୍ରକାଶ ଯେ, ନୟାଗଡ ଜିଲା ଫତେଗଡ ତଳମଇଳାର ପ୍ରକାଶ ତାଳଚେରରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ସେ ସହଯୋଗୀଙ୍କ ସହ ମୋଟର ସାଇକେଲ (ନଂ. ଓଡି୧୯-କେ- ୪୬୨୯)ରେ ଯାଉଥିବା ବେଳେ ପୁରୁଣା ହିଙ୍ଗୁଳା କଲୋନୀଠାରେ ୩ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅତର୍କିତ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି।

### କୁକୁର ମାରିବା ନେଇ ଥାନାରେ ଅଭିଯୋଗ

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳରେ ଏକ ବୁଲା କୁକୁରକୁ ମାରିଦେବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ପଶୁ ପ୍ରେମୀ ନିରାକାର ଖଟୁଆ ଅଭିଯୋଗରେ ଦର୍ଶାଇଛନ୍ତି, ଗାନ୍ଧୀ ମାର୍ଗରେ ଥିବା ଏକ ସେଲୁନ୍ ଦୋକାନୀ ଓ ତାଙ୍କ ବନ୍ଧୁ ଗୋଟିଏ କୁକୁରକୁ ମାରି ନାଳରେ ଫିଙ୍ଗି ଦେଇଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା,୧୪।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ସରିଗିପାଲି ଗ୍ରାମରେ ଲକ୍ଷ୍ମୀପୂଜା ପାଳନ ହେବ। ଏ ନେଇ ଗ୍ରାମବାସୀ ଓ ପୂଜା କମିଟି ପକ୍ଷରୁ ବୁଧବାର ମାଟି ଅନୁକୂଳ କରାଯାଇଛି। ପୂଜକ ଗଙ୍ଗଦତ୍ତ ହୋତା ରୀତିନୀତିରେ ପୂଜା କରିବା ପରେ ମୂର୍ତ୍ତି ନିର୍ମାଣ ପାଇଁ ମାଟି ସଂଗ୍ରହ କରାଯାଇଥିଲା। କମିଟିର ବିଜୟ ସାହୁ, ଗୋକୁଳାନନ୍ଦ ସେଠୀ, ବିଶେଶ୍ୱର ସାହୁ, ରଞ୍ଜନ ନାୟକ, ମୁନା ପ୍ରଧାନ, ସାନନ୍ଦ ପ୍ରଧାନ, ବିପ୍ର ନାୟକ, ସିଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ରତା ଜଣାଇବ ସାଜସଜ୍ଜା

- ଶାରଦୀୟ ପୂଜା ପାଇଁ ଜୋରଦାର ପ୍ରସ୍ତୁତି
- ଧୁମ୍‌ଧାମରେ ପାଳିବ ବଇଣ୍ଡା ଛକ ହାଇସ୍କୁଲ ରୋଡ୍ ପୂଜା କମିଟି
- ସ୍ୱତନ୍ତ୍ରତା ବଜାୟ ରଖିବ ଡେବେରାପାଲି ପୂଜା କମିଟି



ବଇଣ୍ଡା, ୧୪।୯ (ଡି.ଏନ.ଏ.)

ପାଖେଇ ଆସୁଛି ଶାରଦୀୟ ପୂଜା। ଜୋର୍ ଧରିଲାଣି ପ୍ରସ୍ତୁତି ପର୍ବ। ହାତରେ ଅଧିକ ଦିନ ନ ଥିବାରୁ ଆୟୋଜନରେ ଲାଗି ପଡ଼ିଛନ୍ତି ପୂଜା କମିଟି। ଦିନରାତି ନିର୍ମାଣରେ ନିମଗ୍ନ ହୋଇଯାଇଛନ୍ତି ମୂର୍ତ୍ତି କାରିଗର। ବିଶେଷକରି ସ୍ୱତନ୍ତ୍ରତା ଜଣାଇବାକୁ ସାଜସଜ୍ଜା ଉପରେ ଦିଆଯାଉଛି ସର୍ବାଧିକ ଗୁରୁତ୍ୱ।

ଚଳିତବର୍ଷ ପୂଜାରେ ୩୨ ବର୍ଷରେ ପଦାର୍ପଣ କରିବ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକ ହାଇସ୍କୁଲ ରୋଡ୍ ପୂଜା କମିଟି। ୧୯୯୦ରେ ସାହିରେ ଏହି ପୂଜା ଆରମ୍ଭ ହୋଇଥିଲା। ପିଲାମାନେ ପ୍ରଥମ କରି ଦେବୀ ଦୁର୍ଗାଙ୍କ ଫଟୋ ପୂଜା କରିଥିଲେ। ତେବେ ୧୯୯୬ ମସିହାଠାରୁ ଏଠାରେ ମୂର୍ତ୍ତି ପୂଜା ପରମ୍ପରା ଜାରି ରହିଛି। ସାହିବାସୀ ୩୦୦ ଟଙ୍କାରେ ମୂର୍ତ୍ତି ଗଢ଼ିଥିବା ବେଳେ ଏବର୍ଷ ପୂଜା ବଜେଟ୍ ୪ ଲକ୍ଷ ଟଙ୍କାରେ ପହଞ୍ଚିଛି। କରୋନା ପାଇଁ ଗତ ୨ ବର୍ଷ ଧରି ନିରାଡ଼ମ୍ବରରେ ପୂଜା ପାଳନ ହୋଇଥିଲା। କିନ୍ତୁ ଚଳିତ ବର୍ଷ କମିଟି ପକ୍ଷରୁ କିଛି ନିଆରା କରି ଦେଖାଇବାକୁ ନିଷ୍ପତ୍ତି ନିଆଯାଇଛି। ମୂର୍ତ୍ତି ଯେପରି ମୁଖ୍ୟ ଆକର୍ଷଣ ପାଲଟିବ ସେଥିପାଇଁ ଯୋଜନା କରାଯାଇଛି। ୧୨ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମା ଗଢ଼ା ହେଉଥିବା ବେଳେ କଟକର ଶିଳ୍ପୀମାନେ ନିଖୁଣ ଭାବେ ନିଜ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଆକର୍ଷଣୀୟ ସାଜସଜ୍ଜା ସହ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ କମିଟି ସ୍ଥିର କରିଛି। ଏଥିସହ ୨ ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା ହୋଇଛି।

ସେହିପରି ଡେବେରାପାଲି ଗ୍ରାମରେ ମା'ଙ୍କ ପୂଜା ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ୧୯୪୬ ମସିହାରେ ଭାଗୀରଥି ମିଶ୍ର, ବନମାଳୀ ମହାପାତ୍ର, ନାରାୟଣ ମହାପାତ୍ର, ଗୋବିନ୍ଦ ମିଶ୍ର, କାହ୍ନୁ ଚରଣ ମିଶ୍ର, ଦାଶରଥି ମହାପାତ୍ର ପ୍ରଥମ କରି ଗ୍ରାମରେ ଦେବୀଙ୍କ ପୂଜା କରିଥିଲେ। ସେହି ସମୟରେ ଗ୍ରାମରୁ ଚାଉଳ, ଧାନ ସଂଗ୍ରହ କରି ପୂଜା ପାଳନ କରାଯାଇଥିଲା। ଚଳିତବର୍ଷ ଏଠାରେ ୭୬ତମ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏଥିପାଇଁ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଗ୍ରାମର ବହୁ ବ୍ୟକ୍ତି ଚାନ୍ଦା ମାଧ୍ୟମରେ ଏହି ଅର୍ଥ ଠୁଳ କରିଛନ୍ତି। ଏହା ବ୍ଲକ ଅଞ୍ଚଳର ବହୁ ପୁରାତନ ପୂଜା ପ୍ରତିଷ୍ଠାନ ହୋଇଥିବାରୁ ଚଳିତବର୍ଷ ପୂର୍ବ ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଥିବା ଆକର୍ଷଣୀୟ ପୂଜା ମଣ୍ଡପ, ମିନାବଜାର ଆଦି ବୁଲି ମଜା ନେବାକୁ ବ୍ଲକବାସୀ ଅପେକ୍ଷା କରିଛନ୍ତି।

**୪ ଲକ୍ଷ ଟଙ୍କାରେ ପହଞ୍ଚିଛି ବଜେଟ**



ସାହିର ପିଲାମାନଙ୍କ ଦ୍ୱାରା ଫଟୋ ପୂଜାରୁ ଆରମ୍ଭ ହୋଇଥିବା ମା'ଙ୍କ ଆରାଧନା ଚଳିତବର୍ଷ ୩୨ ବର୍ଷରେ ପହଞ୍ଚିଛି। ଏବର୍ଷ ଧୁମ୍‌ଧାମରେ ପୂଜା ପାଇଁ ୪ ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ପୂଜାକୁ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି।

-ଗିରିଶ ଚନ୍ଦ୍ର ବେହେରା, ବଇଣ୍ଡା ପୂଜା କମିଟି ସଭ୍ୟ

**୨ ହଜାର ଲୋକଙ୍କୁ ରାଜଭୋଗ ବଣ୍ଟନ**



ଚଳିତବର୍ଷ ମା'ଙ୍କ ମୂର୍ତ୍ତି ମୁଖ୍ୟ ଆକର୍ଷଣ ହେବ। ଏହାର ଉଚ୍ଚତା ୧୨ ଫୁଟ ରଖାଯାଇଥିବା ବେଳେ ୨ ହଜାର ଲୋକଙ୍କୁ ରାଜଭୋଗ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ସାହିବାସୀ ଏକମତ ହୋଇ ଶାନ୍ତିଶୃଙ୍ଖଳାର ସହ ପ୍ରତିବର୍ଷ ପୂଜା ପାଳନ କରିଆସୁଛନ୍ତି।

-ପ୍ରଦୀପ କୁମାର ସାହୁ, ବଇଣ୍ଡା ପୂଜା କମିଟି

**୭୬ ବର୍ଷରେ ପଦାର୍ପଣ କରିବ ପୂଜା**



ଡେବେରାପାଲି ଗ୍ରାମରେ ମା'ଙ୍କ ପୂଜା ପରମ୍ପରା ବହୁ ପୁରୁଣା। ଚଳିତବର୍ଷ ଏହା ୭୬ ବର୍ଷରେ ପଦାର୍ପଣ କରିବ। ପୁରାତନ ମଣ୍ଡପ ହୋଇଥିବାରୁ ପୂଜା ଦେଖିବାକୁ ପ୍ରତିବର୍ଷ ପରି ପ୍ରବଳ ଭିଡ଼ ହେବ। କରୋନା ପରେ ଲୋକେ ପୂଜାର ମଜା ନେବାକୁ ନିଶ୍ଚିତ ଆସିବେ।

-ବସନ୍ତ କୁମାର ମିଶ୍ର, ପୂଜା କମିଟି ସଭାପତି

**ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ**



ଡେବେରାପାଲି ଗ୍ରାମରେ ଚଳିତବର୍ଷ ପୂଜାକୁ ଅତି ଆଡମ୍ବରରେ କରାଯିବ। ଗ୍ରାମବାସୀ ଏଥିପାଇଁ ସମସ୍ତ ଅର୍ଥ ଯୋଗାଇ ଦେବେ। ଏହି ପୁରୁଣା ମଣ୍ଡପରେ ପୂଜାର ସ୍ୱତନ୍ତ୍ରତା ରହିଛି। ଏଥିସହ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

-ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ

**ଶୃଙ୍ଖଳିତ ପୂଜା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି**



ପାର୍ବଣ ଋତୁକୁ ନଜରରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବଇଣ୍ଡା ଓ ଡେବେରାପାଲି ଅଞ୍ଚଳରେ କିଭଳି ଶାନ୍ତି ଶୃଙ୍ଖଳାର ସହ ପୂଜା ହେବ ସେ ନେଇ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବ। ପ୍ରତ୍ୟେକ ଦିନ ପାଟ୍ରୋଲିଂ ସହ ମଣ୍ଡପ ନିକଟରେ ପୋଲିସ ମୁତୟନ କରାଯିବ।

-ନମିତା ନାୟକ, ହଣ୍ଡପା ଆଇଆଇସି

## ୪ ମାସ ହେବ ପହଞ୍ଚିନି କୋଇଲା

### ଥାନାର ଦ୍ୱାରସ୍ଥ ହେଲେ ଟ୍ରାନ୍ସପୋର୍ଟ ମାଲିକ

ଅନୁଗୋଳ ଅଫିସ, ୧୪।୯

ଅନୁଗୋଳ ଜିଲା କୋଲିୟାରୀ ଥାନା ଅଞ୍ଚଳର ଏକ ଟ୍ରାନ୍ସପୋର୍ଟ ସଂସ୍ଥାରୁ ୪ଟି ଟ୍ରକ୍ କୋଇଲା ଲୋଡ୍ କରିଥିଲେ ହେଁ ଗାଡ଼ିଗୁଡ଼ିକ ନିଶା ଥାନା ଅଞ୍ଚଳରେ ଅନ୍‌ଲୋଡ୍ କରି ନାହାନ୍ତି। ଏପରି କି ଘଟଣାକୁ ୪ ମାସ ବିତି ଯିବାକୁ ବସିଥିଲେ ବି କୋଇଲା ନିଶା ଅଞ୍ଚଳରେ ପହଞ୍ଚିପାରି ନାହିଁ। ଫଳରେ ଟ୍ରାନ୍ସପୋର୍ଟ କମ୍ପାନୀର ମାଲିକ ସୋଲଡ଼ା ଅଞ୍ଚଳର ସିପୁନ୍ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ, ଗତ ମେ ୩୦ ତାରିଖରେ ଏକ ଟ୍ରକ୍ (ନଂ. ଓଡି୧୪ଭି-୯୪୫୩) କୋଇଲ ଲୋଡ୍ କରିଥିଲା। ୩୧ ତାରିଖରେ ୨ଟି ଟ୍ରକ୍ (ନଂ. ଓଡି୦୪ଆର-୭୬୫୫ ଓ ଓଡି୦୪ଏନ୍-୯୦୧୬) ଏବଂ ଜୁନ୍ ୧୬ରେ ଏକ ଟ୍ରକ୍ (ନଂ. ସିଜି୧୫ଡିଏଚ-୮୧୧୦) କୋଇଲା ଲୋଡ୍ କରି ନିଶା ଥାନା ଅଞ୍ଚଳକୁ ଯାଇଥିଲା। କିନ୍ତୁ ଗାଡ଼ି ନିଶା ଅଞ୍ଚଳରେ କୋଇଲା ପହଞ୍ଚାଇ ନ ଥିବା ଜଣାପଡ଼ିବା ପରେ ଟ୍ରାନ୍ସପୋର୍ଟ ସଂସ୍ଥା ମାଲିକ ଥାନାର ଦ୍ୱାରାସ୍ଥ ହୋଇଛନ୍ତି। କୋଇଲାକୁ ଅନ୍ୟତ୍ର ବିକ୍ରି କରାଯାଇଥିବା ସେ ସନ୍ଦେହ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗର ଖୋଳତାଡ କରୁଥିବା ଜଣାପଡ଼ିଛି।

## ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ବଇଣ୍ଡା,୧୪।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ବିଡିସିଙ୍ଗ ଗ୍ରାମରେ ମଙ୍ଗଳବାର ରାତିରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ଗ୍ରାମର ସଞ୍ଜୀବ ପ୍ରଧାନ, କୈଳାସ ପ୍ରଧାନ, କଶ୍ୟତା ପ୍ରଧାନ, ଅଲେଖ ସାହୁ, ଅରୁଣ ସାହୁ, ଗୋବର୍ଦ୍ଧନ ସାହୁ, ଦୀନବନ୍ଧୁ ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ରୋହିତ ପ୍ରଧାନ, ସୁବାସ ପ୍ରଧାନ ପ୍ରମୁଖ ଫସଲ ଉଜୁଡ଼ି ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ହାତୀ ଉପଦ୍ରବ ସମ୍ପର୍କରେ ହଣ୍ଡପା ରେଞ୍ଜ କାର୍ଯ୍ୟାଳୟରେ ଅଭିଯୋଗ କରାଗଲେ ମଧ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବନବିଭାଗ ଦୃଷ୍ଟି ଦେଇ ହାତୀ ଘଉଡାଇବା ସହ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

## ଚୋରା ମଦ ବ୍ୟବସାୟୀଙ୍କୁ ପୋଲିସ ଜିମା

ବଇଣ୍ଡା,୧୪।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଚୋରା ଦେଶୀ ମଦ ବିକ୍ରି ବୃଦ୍ଧି ପାଉଛି। ଅବକାରୀ ବିଭାଗ ଠିକ୍ ଭାବେ ଚଢାଉ କରୁ ନ ଥିବାବେଳେ ଗ୍ରାମାଞ୍ଚଳ ଗୁଡ଼ିକରେ ଏହି ଚୋରା କାରବାର ବଢ଼ିବାରେ ଲାଗିଛି। ହଣ୍ଡପା ଥାନା ମଣ୍ଡାଆମ୍ବ ଗ୍ରାମରେ ଚୋରା ମଦର ବହୁଳ ବିକ୍ରି ସତ୍ତ୍ୱେ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବୁଧବାର ଗ୍ରାମବାସୀ ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ଚୋରା ଦେଶୀ ମହୁଲି ମଦ ବିକ୍ରି ହେଉଥିବା ଦେଖିବାକୁ ପାଇଥିଲେ। ପରେ ୩୦ ଲିଟର ଦେଶୀ ମହୁଲି ମଦ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଜିମା ଦେଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମରେ ପୋଲିସ ପକ୍ଷରୁ ଚଢାଉ କରିବା ପାଇଁ ଅନୁଗୋଳ ଏସ୍‌ପିଙ୍କଠାରେ ଦାବି କରାଯାଇଛି। ହଣ୍ଡପା ପୋଲିସ ନଂ. ୨୦୫/୨୨ରେ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି।



ଅନୁଗୋଳ ସହରରେ ଜଣେ କାରିଗର ବିଶ୍ୱକର୍ମାଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ- ବୁବୁ)

## ଚୋରା କାଠ ବୋଝେଇ ଭ୍ୟାନ୍ ଜବତ

ବଇଣ୍ଡା,୧୪।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ନିକଟରୁ ମଙ୍ଗଳବାର ରାତିରେ ଏକ ଚୋରା ଶାଳକାଠ ବୋଝେଇ ପିକଅପ୍ ଭ୍ୟାନକୁ ହଣ୍ଡପା ବନ ବିଭାଗ ଜବତ କରିଛି। ସେଥିରୁ ଏକ ଲକ୍ଷ ଟଙ୍କାର ଶାଳ ଚଉକାଠ ଜବତ କରାଯାଇଛି। ଘଟଣାରୁ ଜଣାପଡିଛି, ରେଢାଖୋଲ ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି ୨୭ଏ -୦୨୩୧) ଚୋରା ଶାଳ କାଠ ବୋଝେଇ କରି ଅନୁଗୋଳ ଅଭିମୁଖେ ଆସୁଥିବା ଖବରପାଇ ରେଞ୍ଜର ସରୋଜ କୁମାର ମିଶ୍ର, ଫରେଷ୍ଟର ସୁବ୍ରତ ଶତପଥୀ, ସତ୍ୟବାନ ମାହାର, ପ୍ରବୀଣ ପ୍ରଧାନ ପ୍ରମୁଖ ଚଢାଉ କରିଥିଲେ। ଗାଡି ଚାଳକ ଓ ବ୍ୟାବସାୟ ଫେରାର ହୋଇଯାଇଥିଲେ।



ବନ ବିଭାଗ କର୍ମଚାରୀମାନେ ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛନ୍ତି।

## ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ବଇଣ୍ଡା,୧୪।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରେ ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଠାକୁରଗଡ଼ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହେବ। ଏ ନେଇ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁନୀଲ ସାହୁ, ସୌରଭ ମିଶ୍ର, ଶୁଭକାନ୍ତ ପ୍ରଧାନ, ଅନାମ ଚରଣ ସ୍ୱାଇଁ, ବିନୟ ପଟ୍ଟନାୟକ, ରଞ୍ଜନ ସାହୁ, ପ୍ରିୟବ୍ରତ ସାହୁଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କିଭଳି ବହୁ ସଂଖ୍ୟାରେ ଯୁବତୀଯୁବକ ଯୋଗଦେଇ ରକ୍ତଦାନ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ପୌରାଞ୍ଚଳରେ ହାତୀ

ଢେଙ୍କାନାଳ ଅଫିସ, ୧୪।୯



ଶ୍ୟାମାଚରଣପୁର ଅଞ୍ଚଳରେ ହାତୀ।

ଢେଙ୍କାନାଳ ୧ନଂ. ୱାର୍ଡ ଅଧୀନ ଶ୍ୟାମାଚରଣପୁର ଅଞ୍ଚଳରେ ୩ଦିନ ହେଲା ହାତୀ ଉପଦ୍ରବ ସ୍ଥାନୀୟ ବାସିନ୍ଦାଙ୍କ ନିଦ ହଜାଇ ଦେଇଛି। ଶ୍ୟାମାଚରଣପୁରକୁ ଲାଗି ରହିଥିବା ମେଘା ସଂରକ୍ଷିତ ଜଙ୍ଗଲରେ ଏକ ପଲରେ ୨୨ ହାତୀ ରହୁଛନ୍ତି। ଦିନରେ ଉକ୍ତ ହାତୀପଲ ଜନବସତି ମୁହାଁ ହେଉଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୂଚନା ପାଇ ବନ କର୍ମଚାରୀ, ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟର କର୍ମଚାରୀ ପହଞ୍ଚି ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ରେଞ୍ଜର ବିଭୁଦାନନ୍ଦ ମିଶ୍ର କୁହନ୍ତି, ଶ୍ୟାମାଚରଣପୁରରେ ହାତୀଙ୍କ ଉପସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ବନ ବିଭାଗ ପକ୍ଷରୁ ଏଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଛି।

## କଟରଙ୍ଗ ଗ୍ରାମ ପରିଦର୍ଶନ, ପୁନଃ ସର୍ଭେ

ଅନୁଗୋଳ ଅଫିସ, ୧୪।୯

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରୁ କଟରଙ୍ଗ ଗ୍ରାମ ସ୍ଥାନାନ୍ତର ପାଇଁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାରୁ ୨୧ ପରିବାର ବାଦ୍ ପଡିବା ଅଭିଯୋଗର ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅନୁଗୋଳ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର କଟରଙ୍ଗ ଗ୍ରାମ ପରିଦର୍ଶନ କରି ସର୍ଭେ କାର୍ଯ୍ୟ ସହିତ ଅଭିଯୋଗକାରୀଙ୍କ ପ୍ରମାଣପତ୍ର ସଂଗ୍ରହ କରିଛନ୍ତି। ଏହି ସମୟରେ ବଞ୍ଚିତ ପରିବାର ସେମାନଙ୍କ ନିଜସ୍ୱ ଜମି ପଟ୍ଟା, ବଂଶାନୁକ୍ରମିକ ଭାବେ ପାଇଥିବା ଘରବାରି, ଘର, କୂଅ, ଗଛ, ଭୋଟ୍ ପରିଚୟ ପତ୍ର, ଆଧାରକାର୍ଡ, ଜବ୍ କାର୍ଡ, ବିପିଏଲ୍ କାର୍ଡ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ସ୍ୱତନ୍ତ୍ର ଟିମ୍‌କୁ ଦେଖାଇଥିଲେ। ସ୍ୱତନ୍ତ୍ର ଟିମ୍ ବଞ୍ଚିତ ପରିବାର ଲୋକଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ ସର୍ଭେ କରିଥିଲେ। ଏହି ସ୍ୱତନ୍ତ୍ର ଟିମ୍‌ର ନେତୃତ୍ୱ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂହ ନେଇଥିବା ବେଳେ ଅତିରିକ୍ତ ବିଡିଓ ସୁଜାତା ନାଏକ, ଜନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନସ କୁମାର ଭଞ୍ଜଦେଓ , ତହସିଲ୍ ସୁପରଭାଇଜର୍ ସୁରେଶ କୁମାର ଦେହୁରୀ, ପୁରୁଣାକୋଟ୍ ରାଜସ୍ୱ ନିରୀକ୍ଷକ ପ୍ରଭାକର ଦେହୁରୀ, ଜିଳିଣ୍ଡା ରେଞ୍ଜର ବିରଞ୍ଚି ଖଟୁଆ, ଟିକରପଡା ସରପଞ୍ଚ ସୌମ୍ୟ ରଞ୍ଜନ ସାହୁ ସାମିଲ୍ ଥିଲେ। ଗ୍ରାମ ସଭାପତି ନଟବର ପ୍ରଧାନ, ସାମାଜିକ କର୍ମୀ ସୁଶୀଲ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁ ଏବଂ ଆଇନଜୀବୀ ପ୍ରସନ୍ନ କୁମାର ବେହେରା ଟିମ୍‌ର ଅନୁଧ୍ୟାନ ଓ ସର୍ଭେ କାର୍ଯ୍ୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ପ୍ରେମିକା

ଛେଣ୍ଡିପଦା,୧୪।୯(ସ୍ୱ.ପ୍ର.)

**ସ୍ତ୍ରୀ ମାନ୍ୟତା ଦାବିରେ ପ୍ରେମିକ ଘର ସମ୍ମୁଖରେ ବସିଥିଲେ**

ଦଣ୍ଡନୃତ୍ୟ କରିବାକୁ ଯାଇଥିବା ବେଳେ ଜଣେ ଯୁବତୀଙ୍କ ସହ ହୋଇଥିଲା ପରିଚୟ। ଏହାପରେ ଫୋନ ନମ୍ବର ଦିଆନିଆ ସହ ସୃଷ୍ଟି ହୋଇଥିଲା ପ୍ରେମ ସମ୍ପର୍କ। ଏପରି କି ପ୍ରେମିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ପ୍ରେମିକ। ତାଙ୍କର ୨ ଥର ଗର୍ଭପାତ ମଧ କରାଇଥିଲେ। ଗତ ପଞ୍ଚାୟତ ନିର୍ବାଚନ ବେଳେ ୬୦ ହଜାର ଟଙ୍କା ଧାର ଆଣିଥିଲେ। କିନ୍ତୁ ବିବାହ ପାଇଁ ପ୍ରେମିକା ଜିଦ୍ ଧରିବାରୁ ସିଧା ମନା କରିଦେଇଥିଲେ ପ୍ରେମିକ। ଫଳରେ ପ୍ରତାରଣାର ଶିକାର ହୋଇଥିବା ପ୍ରେମିକା ସ୍ତ୍ରୀ ମାନ୍ୟତା ଦାବିରେ ମଙ୍ଗଳବାର ପ୍ରେମିକଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ପ୍ରେମିକଙ୍କ ବାପା ସରପଞ୍ଚ ଓ ପୋଲିସ ଜରିଆରେ ସମାଧାନ ପ୍ରତିଶ୍ରୁତି ଦେବା ପରେ ବୁଧବାର ଧାରଣାରୁ ଓହରି ଯାଇଛନ୍ତି ପ୍ରେମିକା। ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସମ୍ପୃକ୍ତା ଯୁବତୀ କହିଛନ୍ତି, ତାଙ୍କ ଘର ହଣ୍ଡପା ଥାନା ଅଞ୍ଚଳରେ। ୩ବର୍ଷ ପୂର୍ବେ ଦଣ୍ଡନୃତ୍ୟ କରିବାକୁ ଯାଇଥିବା ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରେମିକ ଶାରୀରିକ ସମ୍ପର୍କ ରଖିଥିଲେ। ୨ ଥର ଗର୍ଭପାତ କରାଇଥିଲେ ହେଁ ବିବାହ କରିବାକୁ ଆଗ୍ରହ ଦେଖାଉ ନ ଥିଲେ। ଗତ ସୋମବାର ସେ ବିବାହ ପାଇଁ ଜିଦ୍ ଧରିବାରୁ ପ୍ରେମିକ ମନା କରି ଦେଇଥିଲେ। ଫଳରେ ସେ ମଙ୍ଗଳାବର ସନ୍ଧ୍ୟାରୁ ସ୍ତ୍ରୀର ମାନ୍ୟତା ଦାବି ନେଇ ପ୍ରେମିକଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ବୁଧବାର ପ୍ରେମିକଙ୍କ ବାପା ସରପଞ୍ଚଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ସରପଞ୍ଚ ତାଙ୍କ ସହିତ ଆଲୋଚନା କରି ଛେଣ୍ଡିପଦା ଥାନାକୁ ନେଇ ଯାଇଥିଲେ। ସେଠାରେ ଥାନା ଅଧିକାରୀ ଧୀରେନ କୁମାର ବେହେରା ଓ ସରପଞ୍ଚଙ୍କ ଉପସ୍ଥିତିରେ ପ୍ରେମିକଙ୍କ ବାପା ୭ଦିନ ମଧ୍ୟରେ ପୁଅକୁ ଆଣି ଘଟଣାର ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିବା ଯୁବତୀ ଜଣକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୬୧ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ଢେଙ୍କାନାଳ ଅଫିସ,୧୪।୯:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୬୧ଜଣ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମିନତି ସାମନ୍ତରାୟଙ୍କ ଉପସ୍ଥିତିରେ ଡା. ଅରବିନ୍ଦ ଶତପଥୀ, ଡା. ରାଜେଶ୍ୱର ନାୟକ, ସ୍ୱାସ୍ଥ୍ୟ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କବ୍ ବୁଲବୁଲ ଲକ୍ଷ୍ମୀପ୍ରିୟା ପଣ୍ଡା, ଆରୋସ୍ମିତା ଦେହୁରୀ, ଲିପି ପତି ପ୍ରମୁଖ ସହଯୋଗ କରିଥିଲେ। ପିଲାଙ୍କ ବୟସ ଅନୁସାରେ ଓଜନ, ଉଚ୍ଚତା, ଶାରୀରିକ ଅସୁସ୍ଥତା, ଏହାର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା।

### ଅଗ୍ନିକାଣ୍ଡରେ ପରିବାର ସର୍ବସ୍ୱାନ୍ତ

**ପରଜଙ୍ଗ, ୧୪।୯(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ପୁରୁଣା ଦଳିତସାହିରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବଳରାମ ନାଏକଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପରିବାର ବାସହରା ହୋଇଯାଇଛନ୍ତି। ଘରେ କେହି ନ ଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ପାଖ ପଡ଼ୋଶୀ ଲୋକେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହ ପରଜଙ୍ଗ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଘରେ ଥିବା ଆସବାବପତ୍ର, ଖାଦ୍ୟଶସ୍ୟ ସବୁକିଛି ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। କୁମୁସୀ ସରପଞ୍ଚ ବଳରାମ ନାଏକ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ଖାଦ୍ୟପେୟର ବ୍ୟବସ୍ଥା କରିଛନ୍ତି। ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ପରିବାରକୁ ଆବାସ ଯୋଜନାରେ ସାମିଲ କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଦାମ୍ପତ୍ୟ କଳହରୁ ଜୀବନ ହାରିଲେ ଯୁବକ

**କାମାକ୍ଷାନଗର, ୧୪।୯(ଡି.ଏନ.ଏ.):** କାମାକ୍ଷାନଗର ଥାନା ଜିରିଡ଼ାମାଳି ଗ୍ରାମରେ ଦାମ୍ପତ୍ୟ କହଳକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ହିନ୍ଦୋଳ ଥାନା ବମ୍ପା ଗ୍ରାମର ମାନସ ରାଉତ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାନସ ଏବଂ ତାଙ୍କ ସ୍ତ୍ରୀ ଜିରିଡ଼ାମାଳିରେ ଭଡ଼ାଘରେ ରହୁଥିଲେ। କୌଣସି କାରଣରୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ବିଳମ୍ବିତ ରାତିରେ ମାନସ ରଶି ଲଗାଇ ଝୁଲି ପଡ଼ିଥିଲେ। ତାଙ୍କୁ ପଡ଼ୋଶୀଙ୍କ ସହାୟତାରେ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସୁଧୁରିବ ସ୍ୱାସ୍ଥ୍ୟସେବା

**ଢେଙ୍କାନାଳ ଅଫିସ, ୧୪।୯**



ବୈଠକରେ ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

- ନିର୍ମାଣ ହେଉଛି ୧୩୦ ହେଲ୍ଥ ସବ୍‌ସେଣ୍ଟର, ୩୭ ପବ୍ଲିକ ହେଲଥ୍ ସେଣ୍ଟର
- ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଜିଲା ପରିଷଦ ସଭାନେତ୍ରୀଙ୍କ ନିର୍ଦ୍ଦେଶ

ଶିଳ୍ପ ଜିଲା ଢେଙ୍କାନାଳରେ ସୁଧୁରିବ ସ୍ୱାସ୍ଥ୍ୟସେବା। ସହରାଞ୍ଚଳଠାରୁ ଆରମ୍ଭ କରି ଉପାନ୍ତ ତଥା ଦୁର୍ଗମ ଅଞ୍ଚଳବାସୀଙ୍କ ଲାଗି ସହଜ ହେବ ଚିକିତ୍ସା ସୁବିଧା। ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ୧୩୦ ହେଲ୍ଥ ସବ୍‌ସେଣ୍ଟର, ୩୭ ପବ୍ଲିକ ହେଲଥ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲେ ଜିଲାବାସୀ ଉପକୃତ ହୋଇପାରିବେ ବୋଲି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ସମିତି ପରିଚାଳନା କମିଟି ବୈଠକରେ ସୂଚନା ଦିଆଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ଜିଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷା ତଥା ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ସମାଜ ଗଠନ ପାଇଁ ସ୍ୱାସ୍ଥ୍ୟପ୍ରତି ସର୍ବାଧିକ ଗୁରୁତ୍ୱ ଦେବା ଲାଗି ସେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ୧୩୦ ହେଲ୍ଥ ସେବ୍ ସେଣ୍ଟର, ୩୭ଟି ପବ୍ଲିକ ହେଲଥ ସେଣ୍ଟର ନିର୍ମାଣ କରାଯାଉଛି। ଏସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ସଫାସୁତରା ରଖିବା, ରୋଗୀଙ୍କୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇଦେବା, ଖାଦ୍ୟ ଯୋଗାଣ ବ୍ୟବସ୍ଥା, ଆବଶ୍ୟକସ୍ଥଳେ ରୋଗୀଙ୍କୁ ଅଧିକ ଚିକିତ୍ସା ଲାଗି ବ୍ୟବସ୍ଥିତ ସ୍ଥାନାନ୍ତରଣ ପାଇଁ ପରିବହନ ବ୍ୟବସ୍ଥା କରିବା ଲାଗି ଗୁରୁତ୍ୱ ଦିଆଯାଇଛି। ଏଭଳି ବିବିଧ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଅଧିକ କ୍ରିୟାଶୀଳ କରିବା ଜରୁରୀ ହୋଇପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସମୟାନୁବର୍ତ୍ତୀ ହୋଇ ରୋଗୀଙ୍କୁ ଆବଶ୍ୟକ ସେବା ଯୋଗାଇଦେବାକୁ ସେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ଯୋଜନାକୁ ତ୍ୱରାନ୍ୱିତ କରିବା, ତମାଖୁ ସେବନଠାରୁ ଦୂରେଇ ରହିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ନିଷ୍ଠାବାନ ଓ କର୍ମତତ୍ପର ହୋଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ବିଭାଗୀୟ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟରକ୍ଷା, ନିୟମିତ ଟିକାକରଣ, କୁଷ୍ଠ, ଯକ୍ଷ୍ମା, କର୍କଟ, ମଧୁମେହର ନିଦାନ, ସଂକ୍ରାମକ, ମାନସିକ ରୋଗ, ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଆଦି ୧୮ଟି କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡ. ଜୟକୃଷ୍ଣ ନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସମସ୍ତ ଉପଖଣ୍ଡ ଚିକିତ୍ସାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପେଷ୍ଟିସାଇଡ୍ ୟୁନିଟ୍‌ରେ ଚଢ଼ାଉ

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟ ବାଙ୍କୁଆଳ ଅଞ୍ଚଳରେ ଥିବା ଶକ୍ତି ଆଗ୍ରୋ କେମିକାଲ୍ସ ୟୁନିଟ୍‌କୁ ଜିଲା ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କୀଟନାଶକ ପ୍ରସ୍ତୁତ କରାଯାଉଥିବା ଉକ୍ତ ୟୁନିଟ୍‌ରେ ଅନିୟମିତତା ହେଉଥିବା ଅଭିଯୋଗ ଆସିବା ପରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ପ୍ରଶାସନ, କୃଷି ବିଭାଗ ଓ ପୋଲିସ ପକ୍ଷରୁ ଗତ ୧୧ ତାରିଖରେ ମିଳିତ ଚଢ଼ାଉ କରାଯାଇଥିଲା।

ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଓ ଲାଇସେନ୍ସପ୍ରାପ୍ତ ଉକ୍ତ କୀଟନାଶକ ୟୁନିଟ୍‌ରେ ଆଜାଡିରାକ୍ଟିନ୍, ନିମ୍ ପେଷ୍ଟିସାଇଡ୍ ପ୍ରସ୍ତୁତ କରାଯାଉଛି। ପେଷ୍ଟିସାଇଡ୍‌ରେ ନିମ୍ବର ଉପାଦେୟତା ରହିଥିବାରୁ ପନିପରିବା ଫସଲରେ ଏହାର ପ୍ରୟୋଗ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଏହା ଇକୋ ଫ୍ରେଣ୍ଡ୍‌ଲି ମଧ୍ୟ। କିନ୍ତୁ ୟୁନିଟ୍‌ରେ କୌଣସି ସୂଚନା ଫଳକ ନ ଥିଲା। ଏଥିସହ ଅନ୍ୟ କେତେକ ଅଭିଯୋଗ ମଧ୍ୟ ଆସିଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ଇନ୍‌ଟକ୍ସିସାଇଡ୍ ଇନ୍ସପେକ୍ଟର ଶୁଭଶ୍ରୀ ମହାନ୍ତି, ବ୍ଲକ କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ପୋଲିସ ଉପସ୍ଥିତିରେ ଚଢ଼ାଉ କରିଥିଲେ।

ଏ ସଂକ୍ରାନ୍ତରେ ଜିଲାପାଳ ସେଠୀ କୁହନ୍ତି, ନିର୍ଦ୍ଦେଶନାମା ଆସିବା ପରେ ଶକ୍ତି ଆଗ୍ରୋ କେମିକାଲ୍ସ ୟୁନିଟ୍‌ରେ ଚଢ଼ାଉ କରାଯାଇଥିଲା। ସେଠାରେ ପ୍ରସ୍ତୁତ କରାଯାଉଥିବା ପେଷ୍ଟିସାଇଡର ନମୁନା ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି। ସୂଚନା ଫଳକ ନ ଥିବାରୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି।



ପ୍ରଶାସନ ପକ୍ଷରୁ କୀଟନାଶକ ପ୍ରସ୍ତୁତି ୟୁନିଟ୍‌ରେ ଚଢ଼ାଉ କରାଯାଉଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୪।୯**

**ଇଣ୍ଟର ସ୍କୁଲ ଫୁଟବଲ ପ୍ରତିଯୋଗିତା**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ଓ ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଇଣ୍ଟର ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ୨-୧ ଗୋଲ୍‌ରେ ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଫୁଟ୍‌ବଲ କ୍ରୀଡ଼ାବିତ୍ ଏମ୍‌ଡି ଆଜାଦ୍ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅତିରିକ୍ତ କ୍ରୀଡ଼ା ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଜୟକୃଷ୍ଣ ପଟ୍ଟନାୟକ, କ୍ରୀଡ଼ା ସଂଘ ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ଅଭିଜିତ ମିଶ୍ର, ପ୍ରେମାନନ୍ଦ ବିହାରୀ, ପ୍ରତାପ ମହାନ୍ତି, ଦେବେନ୍ଦ୍ର ମୋହନ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ସୁଶାନ୍ତ ଜେନା, ଅଜୟ ପଟ୍ଟନାୟକ, ସଦାନନ୍ଦ ସାହୁ, ଗଙ୍ଗାଧର ରାଉତ, ପୁରୁଷୋତ୍ତମ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ। ରାମକୃଷ୍ଣ ବେହେରା, ଆଶୀର୍ବାଦ କାନୁନ୍‌ଗୋ, ଦେବରାଜ ସ୍ୱାଇଁ, ସୁଶୀଲ ପଣ୍ଡା ରେଫରି ଦାୟିତ୍ୱ ତୁଲାଇଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ସମସ୍ତ ରେଫରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରକାଶ ପରିଡ଼ା ଏଥିରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ କେନ୍ଦ୍ରୀୟ ବିଦ୍ୟାଳୟ ଦଳର ଖେଳାଳିମାନେ।

# ସମସ୍ତଙ୍କ ପରାମର୍ଶରେ ସାମଗ୍ରିକ ବିକାଶ ସମ୍ଭବ

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଗଦାଶିଳା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଦାଣ୍ଡିମାଳ ସ୍ୱାଭିମାନ ସଙ୍ଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ଶେଖର ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ସ୍ନେହ, ଶ୍ରଦ୍ଧା, ସଦିଚ୍ଛା ଏବଂ ସମସ୍ତଙ୍କ ପରାମର୍ଶରେ ଅଞ୍ଚଳର ସାମଗ୍ରିକ ବିକାଶ ହୋଇପାରିବ। ମୁଖ୍ୟବକ୍ତା ଭାବେ ଜିଲା ରେଡ୍‌କ୍ରସ୍ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି କହିଲେ, ନିଜକୁ ଭଲ ପାଇବା ସହିତ ଅନ୍ୟମାନଙ୍କୁ ସ୍ନେହ କଲେ ସମ୍ପର୍କ ସୁଦୃଢ଼ ହେବ। ଏହା ଅଞ୍ଚଳର ଉନ୍ନତିରେ ସହାୟକ ହୋଇପାରିବ। ଜିଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ଗଦାଶିଳା ସରପଞ୍ଚ ପ୍ରତାପ ସାହୁ, କାଶିଆଡିହି ସରପଞ୍ଚ ମିନତି ରାଉତ, ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ସାନ୍ଧ୍ୟ କଲେଜ ଅଧ୍ୟକ୍ଷ ଡ. ସମୀର ରଞ୍ଜନ ସାହୁ ଏବଂ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, କରୋନା ଯୋଦ୍ଧା ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସନ୍ତୋଷ ପରିଡ଼ା, ଅନୁଷ୍ଠାନର ସମ୍ପାଦକ ବସନ୍ତ ରାଉତ, ସୁଶାନ୍ତ ରାଉତ, କୃଷ୍ଣଚନ୍ଦ୍ର ନାୟକ, ରଞ୍ଜନ ଖଟୁଆ, ଗଗନଧର ଦାସ, ଆକାଂକ୍ଷା ପ୍ରିୟଦର୍ଶିନୀ ବେହେରା, ଅମ୍ରିତା ବେହେରା, ଶୁଭଶ୍ରୀ ସେଠୀ, ଶୁଭଶ୍ରୀ ଶୁଭସ୍ମିତା ବେହେରା, ଆଲିଶା ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଉପଦେଷ୍ଟା ନିରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତି ଫେରାଇ ଆଣିବାକୁ ସହମତି



ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଉଛି।

**ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ମାମଲା**

- ଶାନ୍ତି କମିଟି ଆଲୋଚନା ସଫଳ
- ପ୍ରଶାସନ, ପୋଲିସକୁ ପ୍ରଶଂସା

**ଭୁବନ, ୧୪।୯(ଡି.ଏନ୍.ଏ.)**

ଗଣେଶ ମେଢ ଭସାଣିକୁ ନେଇ ଭୁବନ ଥାନା ଓଡ଼ିଶ ଗ୍ରାମରେ ସୃଷ୍ଟି ହୋଇଥିବା ସବର୍ଣ୍ଣ-ଅସବର୍ଣ୍ଣ ବିବାଦର ସମାଧାନ ହୋଇଛି। ଗ୍ରାମରେ ଭାଇଚାରା, ଶାନ୍ତି ଫେରାଇ ଆଣିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି। ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ବିବାଦ ତୁଟିଥିବା ବେଳେ ପୋଲିସ, ପ୍ରଶାସନର ଉଦ୍ୟମକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

ଅସବର୍ଣ୍ଣ ଗୋଷ୍ଠୀ ପକ୍ଷରୁ ଗଣେଶ ମେଢ଼ ଭସାଣି ଚାଲିଥିବାବେଳେ ବିବାଦର ସୂତ୍ରପାତ ହୋଇଥିଲା। ଏହାକୁ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ପୃଥକ୍ ମାମଲା ରୁଜୁ ହୋଇଥିଲା। ଅସବର୍ଣ୍ଣ ଗୋଷ୍ଠୀ ପକ୍ଷରୁ ସବର୍ଣ୍ଣମାନେ ଯାତାୟାତ କରୁଥିବା ରାସ୍ତା କାଟି ଦିଆଯାଇଥିବାବେଳେ ପୋଲିସ ହସ୍ତକ୍ଷେପ ପରେ ଏହାର ମରାମତି କରାଯାଇଥିଲା। ଏସବୁ ସତ୍ତ୍ୱେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲା। ଏହାର ସମାଧାନ ପାଇଁ ଗତ ମଙ୍ଗଳବାର ପଞ୍ଚାୟତ ସଭାଗୃହରେ ମିଳିତ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଏସ୍‌ଡିପିଓ ରଞ୍ଜନ ଦେଓ, ତହସିଲଦାର ରୋଜାଲିନ ବେହେରା, ସରପଞ୍ଚ ମୋହନ ମହାନ୍ତ, ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ସମେତ ଉଭୟ ପକ୍ଷର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଦୁଇ ଗୋଷ୍ଠୀର ଯୁକ୍ତି ଶୁଣିବା ପରେ ସବୁ ବାଦବିବାଦ ଭୁଲି ଶାନ୍ତିପୂର୍ଣ୍ଣ ଭାବେ ମିଳିମିଶି ଏକାଠି ରହିବାକୁ ଉପଜିଲାପାଳ ନିବେଦନ କରିଛନ୍ତି। ପ୍ରଶାସନ ଏବଂ ପୋଲିସର ପରାମର୍ଶକୁ ଉଭୟ ପକ୍ଷ ଗ୍ରହଣ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଔଷଧ ବ୍ୟବସାୟୀଙ୍କ ସମସ୍ୟା ଆଲୋଚନା

**ଢେଙ୍କାନାଳ ଅଫିସ, ୧୪।୯**




ଢେଙ୍କାନାଳ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନର ତ୍ରୈବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ପି. ସତ୍ୟନାରାୟଣ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, କଟକ କେମିଷ୍ଟ, ଡ୍ରଗିଷ୍ଟ ଆସୋସିଏଶନର ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ବଳ, ଜିପି ସିଡିଏର ପ୍ୟାକ୍ ଚେୟାରମ୍ୟାନ ଅବନୀ ସାହୁ ଯୋଗଦେଇ ଔଷଧ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ଆୟବ୍ୟୟ ବିବରଣୀ ପ୍ରଦାନ କରାଯିବା ପରେ ୨୦୨୨-୨୦୨୫ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ଭାବେ ଦିଲୀପ କୁମାର ମିଶ୍ରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି କୋଷାଧ୍ୟକ୍ଷ ଭାବେ ପ୍ରଭାତ ପାଣି ମନୋନୀତ ହୋଇଛନ୍ତି। ମାନସ ରଞ୍ଜନ ହୋତା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଦିବଂଗତ ସଭାପତି ବିକ୍ରମ କେଶରୀ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁନୀଲ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# କୈବଲ୍ୟବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା



କୈବଲ୍ୟ ବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା ବୃନ୍ଦ।

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ଲକ୍ଷ୍ମୀମଣ୍ଡପରେ କୈବଲ୍ୟ ବଜାର ପୂଜା କମିଟିର ଏକ ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂଦେଓ, ଉପଦେଷ୍ଟା ପ୍ରସନ୍ନ କୁମାର ପଟ୍ଟନାୟକ, ଉପସଭାପତି ଶ୍ରୀନିବାସ ଷଡଙ୍ଗୀ, ନୂତନ ସମ୍ପାଦକ ଭାବେ ଦୀପକ କୁମାର ମିଶ୍ର, କୋଷାଧ୍ୟକ୍ଷ ସଙ୍କଟ ଭଞ୍ଜନ ବେହେରା ଚୟନ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ଅମରେନ୍ଦ୍ର ସାମଲ, ସନ୍ତୋଷ ଶତପଥୀ, ପ୍ରକାଶ ପତି, ଶିବରାମ ଦାସ, ପ୍ରତାପ ପଣ୍ଡା, ସନ୍ଦୀପ ଷଡ଼ଙ୍ଗୀ, ସଞ୍ଜୀବ ପଣ୍ଡା ପ୍ରମୁଖ ସ୍ଥାନ ପାଇଛନ୍ତି। କୈବଲ୍ୟ ବଜାର ପକ୍ଷରୁ ଦୀର୍ଘ ୬୨ବର୍ଷ ହେଲା ମା' ଗଜଲକ୍ଷ୍ମୀଙ୍କ ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ ହୋଇଆସୁଛି। ଚଳିତଥର ଅତି ଆଡମ୍ବରପୂର୍ଣ୍ଣ ଭାବେ ପୂଜା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ସୁଧାଂଶୁ ଶେଖର ନନ୍ଦ, ଅକ୍ଷୟ ଶତପଥୀ, ଓମ୍‌କାର କର୍ଣ୍ଣ, ମହାଦେବ ପଣ୍ଡା, ବଳଭଦ୍ର ମହାପାତ୍ର, ରମେଶ ଚନ୍ଦ୍ର ପତି, ଶୁଭେନ୍ଦୁ ଷଡ଼ଙ୍ଗୀ, ଶମ୍ଭୁନାଥ ମହାପାତ୍ର, ବ୍ରଜ ବିହାରୀ ବେହେରାଙ୍କ ସମେତ ବହୁ ଯୁବ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ନ୍ୟାୟ ମାଗିଲେ କୁକୁଡ଼ାଚାଷୀ

- ରାଜ୍ୟ ସରକାରଙ୍କ ନିକଟରେ ତଥ୍ୟ ନାହିଁ
- କମ୍ପାନୀ ଶୋଷଣ କରୁଥିବା ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୪।୯**



ମହାସମାବେଶରେ ସାମିଲ ହୋଇଥିବା କୁକୁଡ଼ାଚାଷୀ।

'ମୋ ହକ୍ ଲଢ଼େଇ, ମୁଁ ଲଢ଼ିବି'। ଏଭଳି ନାରା ଦେଇ ଢେଙ୍କାନାଳ ମହିଷାପାଟ ପଡ଼ିଆରେ ବୁଧବାର ଗର୍ଜିଛନ୍ତି ଶତାଧିକ କୁକୁଡ଼ାଚାଷୀ। ଚିଆଁ ଏବଂ ଖାଦ୍ୟ ଯୋଗାଉଥିବା କମ୍ପାନୀର ଶୋଷଣ ଏବଂ ରାଜ୍ୟ ସରକାରଙ୍କ ଅଣଦେଖାର ବିଷୋଦ୍‌ଗାର କରିବା ସହ ସେମାନେ ନ୍ୟାୟ ମାଗିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜ୍ୟରେ କେତେଜଣ କୁକୁଡ଼ାଚାଷୀ ଅଛନ୍ତି, ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ କୌଣସି ତଥ୍ୟ ନାହିଁ। ଯେଉଁ କମ୍ପାନୀକୁ ଭରସା କରି ସେମାନେ କୁକୁଡ଼ା ଚାଷ ଆରମ୍ଭ କରିଥିଲେ, ସେହି କମ୍ପାନୀ ଏବେ ମନମୁଖି କାର୍ଯ୍ୟ କରୁଛନ୍ତି। ରାଜ୍ୟର ବିଭିନ୍ନ ଜିଲାର କୁକୁଡ଼ାଚାଷୀଙ୍କୁ ଚିଆଁ ଏବଂ ଖାଦ୍ୟ ଯୋଗାଉଥିବା କମ୍ପାନୀ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରୁନାହିଁ। ଫଳରେ କୁକୁଡ଼ାଚାଷୀମାନେ ବ୍ୟାପକ କ୍ଷତି ସହୁଛନ୍ତି। ଏହାର ପ୍ରତିବାଦରେ ସେମାନେ ସମ୍ପୃକ୍ତ କମ୍ପାନୀଠାରୁ ସାମଗ୍ରୀ ଗ୍ରହଣ କରିବା ବନ୍ଦ କରିଦେଇଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏଥିରେ ହସ୍ତକ୍ଷେପ କରି କମ୍ପାନୀ ଦ୍ୱାରା ଶୋଷଣର ଶିକାର ହେଉଥିବା କୁକୁଡା ଚାଷୀଙ୍କୁ ଉତ୍ପାଦର ଉଚିତ ମୂଲ୍ୟ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଢେଙ୍କାନାଳ ଜିଲା କୁକୁଡ଼ାଚାଷୀ ସଂଘ ସଭାପତି ନରେନ୍ଦ୍ର କୁମାର ଖଟୁଆ, ରାଜ୍ୟ ସଂଘ ସମ୍ପାଦକ ମାନସ ରଞ୍ଜନ ବରାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

